# NATIONAL NEWS BULLETIN (ODIA)

**15 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୱାକଫ୍ ଆଇନ୍ ଦ୍ୱାରା ମୁସଲମାନ ସମ୍ପ୍ରଦାୟର ଗରିବ ଲୋକ ବିଶେଷ ଉପକୃତ ହୋଇପାରିବେ, କହିଛନ୍ତି ପ୍ରଧାନମନ୍ତ୍ରୀ

- ଡିଜିଟାଲ ଆରେଷ୍ଟ ଘଟଣାରେ ସଂପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କଲା ସିବିଆଇ

- ଲକ୍ଷ୍ନୌସ୍ଥିତ ଲୋକବନ୍ଧୁ ହସ୍ପିଟାଲରେ ଅଗ୍ନିକାଣ୍ଡ ପରେ ଆଜି ସକାଳୁ ଚିକିତ୍ସା ବ୍ୟବସ୍ଥା ସ୍ୱାଭାବିକ

- ଚଳିତବର୍ଷ ମାର୍ଚ୍ଚମାସରେ ଦେଶର ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ୨ ଦଶମିକ ୫ ପ୍ରତିଶତକୁ ହ୍ରାସ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍

---

## ପିଏମ୍-ହରିଆଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତୃଣମୂଳ ସ୍ତରରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତକାଲି ହରିଆଣାଠାରେ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ମହିଳା, ଅବହେଳିତ ବର୍ଗ, ଆଦିବାସୀ ଓ କୃଷକଙ୍କ ଆକାଂକ୍ଷାକୁ ବାସ୍ତବରେ

ପରିଣତ କରିବାରେ ସରକାରଙ୍କ ପଦକ୍ଷେପ ଫଳବତୀ ସାବ୍ୟସ୍ତ ହୋଇଛି ।

**V/O**

**(PM Farmers)**

ୱାକଫ୍ ଆଇନ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ମୁସଲମାନ ସମ୍ପ୍ରଦାୟର ଗରିବ ଲୋକ ବିଶେଷ ଉପକୃତ ହୋଇପାରିବେ ।

**V/O-PM WAQF**

---

# ସିବିଆଇ-ଡିଜିଟାଲ୍ ଆରେଷ୍ଟ୍

ଡିଜିଟାଲ ଆରେଷ୍ଟ ଘଟଣାରେ ସଂପୃକ୍ତି ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତବ୍ୟୁରୋ-ସିବିଆଇ ୪ ଜଣଙ୍କୁ ଗିରଫ କରିଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନର ୧୨ଟି ସ୍ଥାନରେ ତଲାସି ଅଭିଯାନ ପରେ ସିବିଆଇ ଗିରଫଦାରି କରିଥିବା ଜଣାପଡ଼ିଛି । ଏ ସଂପର୍କରେ ସିବିଆଇ ପକ୍ଷରୁ କୁହାଯାଇଛି, ରାଜସ୍ଥାନର ଝୁନ୍‌ଝୁନ୍ ସାଇବର ପୋଲିସ୍ ଥାନାରେ ଏକ ମାମଲା ଆଧାରରେ ଏହି ଗିରଫଦାରି କରାଯାଇଛି । ସଂପୃକ୍ତ ଅପରାଧୀମାନେ ଜଣେ ବ୍ୟକ୍ତିଙ୍କୁ ବିଭିନ୍ନ ସଂଗଠନର ସଦସ୍ୟ ଭାବେ ପରିଚୟ ଦେଇ ପ୍ରାୟ ୩ ମାସ ଧରି ଡିଜିଟାଲ ଆରେଷ୍ଟ କରିଥିଲେ । ସେହିସମୟ ମଧ୍ୟରେ ପୀଡ଼ିତଙ୍କଠାରୁ ୪୨ଥରରେ ୭ କୋଟିରୁ ଅଧିକ ଟଙ୍କା ଠକି ନେଇଥିଲେ । ଏହି ତଲାସି ସମୟରେ ୪ ଜଣଙ୍କଠାରୁ ବ୍ୟାଙ୍କ ପାସ୍‌ବୁକ୍, ଡେବିଟ୍ କାର୍ଡ, ଚେକ୍‌ବୁକ୍ ଏବଂ ଅନ୍ୟାନ୍ୟ ଡିଜିଟାଲ ସାମଗ୍ରୀ ଜବତ କରାଯାଇଛି ।

---

# ପିଏମ୍-ହିମାଚଳ ଦିବସ

ହିମାଚଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହିମାଚଳ ପ୍ରଦେଶର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି, ହିମାଚଳ ପ୍ରଦେଶ ଏହାର ଗୌରବମୟ ସଂସ୍କୃତି ପାଇଁ ପ୍ରସିଦ୍ଧ ଏବଂ ସେଠାକାର ଲୋକମାନେ ନିଜର କଠିନ ପରିଶ୍ରମ, ପ୍ରତିଭା ଏବଂ ବୀରତ୍ୱ ପାଇଁ ଜଣାଶୁଣା । ଏହି ଅବସରରେ ଶ୍ରୀ ମୋଦୀ ସମସ୍ତ ନାଗରିକଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି ।

---

# ଲୋକବନ୍ଧୁ ହସ୍ପିଟାଲ ଫାୟାର

ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଲୋକବନ୍ଧୁ ହସ୍ପିଟାଲରେ ଗତକାଲି ଅଗ୍ନିକାଣ୍ଡ ଘଟଣା ପରେ ଆଜି ସକାଳେ ବାହ୍ୟରୋଗୀ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି । ହସ୍ପିଟାଲର ନିର୍ଦ୍ଦେଶକ ସଂଗୀତା ଗୁପ୍ତା କହିଛନ୍ତି, ସମସ୍ତ ବିଭାଗରେ ଡାକ୍ତରମାନେ ରୋଗୀମାନଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି ।

**V/O**

**(Sangita)**

ଗତକାଲି ହସ୍ପିଟାଲ ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିବା ପରେ ଜରୁରୀକାଳୀନ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମେତ ୨୦୦ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା । ଆମ ସମ୍ବାଦଦାତା ଜଣାଇଛନ୍ତି, ଅଗ୍ନିକାଣ୍ଡ ଘଟଣା ପରେ କେତେଜଣ ରୋଗୀଙ୍କୁ କେଜିଏମ୍ୟୁ, ବଳରାମପୁର ହସ୍ପିଟାଲ ଏବଂ ସିଭିଲ୍

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଉପଖଣ୍ଡସ୍ତରୀୟ କମିଶନର ରୋଶନ ଜ୍ୟାକବ୍ ଆଜି ସକାଳେ ବଳରାମପୁର ହସ୍ପିଟାଲ ଯାଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ଅବସ୍ଥା ପଚାରି ବୁଝିଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍ ବିକାଶ ଜୀ ଆୟାର ଏବଂ ପଶ୍ଚିମ ଡିସିପି ବିଶ୍ୱଜିତ୍ ଶ୍ରୀବାସ୍ତବ ମଧ୍ୟ ହସ୍ପିଟାଲ ପରିଦର୍ଶନ କରିଥିଲେ ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ଗୁରୁତ୍ୱ ଦେଇ ପ୍ରଭାବିତ ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ପ୍ରାଥମିକ ଆକଳନ ଅନୁଯାୟୀ ସଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏହାର ବିସ୍ତୃତ ତଦନ୍ତ କରାଯାଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି ।

## ଇଡି-ରବର୍ଟ ଭଦ୍ରା

ହରିଆଣାର ଏକ ଜମି କାରବାର ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପଚରା ଉଚରା କରୁଛି । ଗୁରୁଗ୍ରାମରେ ଏକ ଜମି କିଣିବା ମାମଲା ସହ ଏହା ଜଡ଼ିତ ବୋଲି ଜଣାପଡ଼ିଛି । ଆଜି ସକାଳେ ରବର୍ଟ ଭଦ୍ରା ଦିଲ୍ଲୀ ଇଡି ଅଫିସ୍‌ରେ ହାଜର ହୋଇଥିବା ସୂଚନା ମିଳିଛି ।

## ନାସା-ନିଲା ରାଜେନ୍ଦ୍ର

ଆମେରିକାର ନାସାର ଜେଟ୍ ପ୍ରୋପଲସନ୍ ଲାବୋରେଟୋରୀ ସେଠାରେ କାର୍ଯ୍ୟ କରୁଥିବା ଡାଇଭର୍ସିଟି ଇକ୍ୟୁଇଟି ଏବଂ ଇନ୍‌କ୍ଲୁଜନ୍ ୟୁନିଟ୍‌ର ମୁଖ୍ୟ

ଭାରତୀୟ ବଂଶୋଦ୍ଭବ ନିଲା ରାଜେନ୍ଦ୍ରଙ୍କୁ ବହିଷ୍କାର କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମସ୍ତ ସଂଘୀୟ ସଂସ୍ଥାରେ ବ୍ୟାପକ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦେଶ ଦେବା ପରେ ଏହି ପଦକ୍ଷେପ ନିଆଯାଇଛି । ସରକାରୀ ପାଣ୍ଠିର ଅପବ୍ୟବହାର ରୋକିବା ନିମନ୍ତେ ଶ୍ରୀ ଟ୍ରମ୍ପ୍ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ତେବେ ନିଲା ରାଜେନ୍ଦ୍ରଙ୍କୁ ସୁରକ୍ଷା ଦେବା ଲାଗି ନାସା ପକ୍ଷରୁ ତାଙ୍କ ପଦବୀକୁ ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା ।

## ମାର୍ଚ୍ଚ ଡାଟା

ଚଳିତବର୍ଷ ମାର୍ଚ୍ଚମାସରେ ଦେଶର ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ୨ ଦଶମିକ ୫ ପ୍ରତିଶତକୁ ହ୍ରାସ ପାଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଚଳିତବର୍ଷ ଫେବୃୟାରୀ ମାସରେ ଏହି ମୁଦ୍ରାସ୍ଫୀତି ହାର ୨ ଦଶମିକ ୩/୮ ପ୍ରତିଶତ ରହିଥିଲା । ସାମଗ୍ରିକ ଭାବେ ବାର୍ଷିକ ମୁଦ୍ରାସ୍ଫୀତି ହାର ଗତମାସରେ ଶୂନ୍ ଦଶମିକ ୭/୬ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଫେବୃୟାରୀ ମାସରେ ୨ ଦଶମିକ ୮/୧ ପ୍ରତିଶତ ଥିଲା । ସେହିପରି ଖାଦ୍ୟ ସୂଚକାଙ୍କ ଆଧାରିତ ବାର୍ଷିକ ମୁଦ୍ରାସ୍ଫୀତି ହାର ଫେବୃୟାରୀର ୫ ଦଶମିକ ୯/୪ ପ୍ରତିଶତରୁ ୪ ଦଶମିକ ୬/୬ ପ୍ରତିଶତକୁ ହ୍ରାସ ପାଇଛି ।

ଅନ୍ୟପକ୍ଷରେ ଇନ୍ଧନ ଓ ଶକ୍ତି ବର୍ଗରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୩ ଦଶମିକ ୭ ପ୍ରତିଶତରେ ପହଞ୍ଚିଛି । ପୂର୍ବ ମାସରେ ଏହା ୨ ଦଶମିକ ୮/୬ ପ୍ରତିଶତ ରହିଥିଲା ।

## ଇଡି-ଖଚରିଆଓ୍ୱାସ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ପ୍ରତାପ ସିଂ ଖଚରିୟାୱାସ୍‌ଙ୍କ ବାସଭବନ ସମେତ ୧୫ରୁ ଅଧିକ ସ୍ଥାନରେ ଚଢ଼ାଉ ଜାରି ରଖିଛି । ମେସର୍ସ ପି.ଏ.ସି.ଏଲ୍. ସହ ଜଡ଼ିତ ୪୮ ହଜାର କୋଟି ଟଙ୍କାର ଠକେଇ ସଂପର୍କିତ ତଦନ୍ତର ଅଂଶ ବିଶେଷ ଭାବରେ ଏହି ଚଢ଼ାଉ କରାଯାଉଛି ।

ସୂଚନା ଅନୁଯାୟୀ ସ୍ୱର୍ଗତ ନିର୍ମଳ ସିଂ ଭଙ୍ଗୁଙ୍କ  କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥାକୁ ବେଆଇନ୍ ଭାବେ ସମ୍ପତ୍ତି ପ୍ରଦାନ ମାମଲାରେ ପ୍ରତାପ ସିଂଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି ।

ଅନ୍ୟପକ୍ଷରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ପ୍ରତାପ ସିଂ କହିଛନ୍ତି, ସେ କିଛି ଭୁଲ୍ କରି ନାହାନ୍ତି । ଆଜି ସକାଳେ ଇଡି କର୍ମଚାରୀମାନେ ପ୍ରତାପ ସିଂଙ୍କ ଜୟପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ଏକତ୍ରିତ ହୋଇଥିଲେ ଓ ସ୍ଲୋଗାନ ଦେଇଥିଲେ ।

---

# ୟୁଏସ୍-ଇରାନ୍ ଟକ୍ସ

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆସନ୍ତା ଶନିବାର ଦିନ ରୋମ୍ ଠାରେ ଅନୁଷ୍ଠିତ ହେବାର ଆଶା କରାଯାଉଛି । ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଲୋଚନାକାରୀ ପକ୍ଷ ଏବଂ ମଧ୍ୟସ୍ଥୀ ଭାବରେ କାର୍ଯ୍ୟ କରୁଥିବା ଓମାନ୍‌ର ଅନୁରୋଧ ପରେ ରୋମ୍ ଏହି ବୈଠକ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ଜାପାନ ଗସ୍ତ ଅବସରରେ ତାଜାନି ଏହି ସୂଚନା

ଦେଇଛନ୍ତି । ସେ କହିଛନ୍ତି, ପରମାଣୁ ସମସ୍ୟାର ସମାଧାନ ଏବଂ ଶାନ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ନିଆଯିବାକୁ ଥିବା ପଦକ୍ଷେପକୁ ଇଟାଲୀ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ।

ତେବେ ଇରାନ୍ କିମ୍ବା ଆମେରିକା ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଗତ ୧୨ ତାରିଖରେ ଓମାନରେ ଆମେରିକା ଓ ଇରାନ ଅଧିକାରୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପରୋକ୍ଷ ଆଲୋଚନା ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଏବଂ ଗଠନ ମୂଳକ ଆଲୋଚନା ହୋଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା ।

## ଏନ୍‌ଏଚ୍‌ଇଏ ୨୦୨୩

ଜାତୀୟ ରାଜପଥ ଉତ୍କର୍ଷ ପୁରସ୍କାର ୨୦୨୩ର ଷଷ୍ଠ ସଂସ୍କରଣ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ । ଅଭିନବ ପ୍ରୟାସକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଜାତୀୟ ରାଜପଥ ବିକାଶରେ ଉତ୍କର୍ଷ ପ୍ରତିପାଦନ କରିଥିବା ଅଂଶିଦାରଙ୍କୁ ଏଥିରେ ସମ୍ମାନିତ କରାଯାଇଥାଏ । ଜାତୀୟ ରାଜପଥ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ମାନ୍ୟତା ପ୍ରଦାନ କରିବା ଏବଂ ସମଗ୍ର ଦେଶରେ ଉଚ୍ଚ ରାଜପଥ ସମ୍ପତ୍ତିର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିବିଶେଷ ଓ ଅଂଶିଦାରମାନଙ୍କୁ ଏଥିପାଇଁ ମନୋନୀତ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରସଙ୍ଗ ଭିତ୍ତିକ ବିଶେଷଜ୍ଞଙ୍କୁ ନେଇ ଏକାଧିକ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ରାଜପଥ ନିର୍ମାଣରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ, ପାହାଡ଼ିଆ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଏବଂ ଭାରତୀୟ

ନିର୍ମାଣ ଉଦ୍ୟୋଗ ଗୁଡ଼ିକୁ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ କରିବା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଆଲୋଚନା ବୈଠକ ଗୁଡ଼ିକରେ ମତବିନିମୟ ହେବ ।

---

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ସିରିଜ୍‌ରେ ଆଜି ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଚଣ୍ଡିଗଡ଼ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍ ମଧ୍ୟରୁ ଚେନ୍ନାଇ କ୍ରମାଗତ ୫ଟି ମ୍ୟାଚ୍‌ରେ ହାରିବା ପରେ ଗତକାଲି ବିଜୟ ହାସଲ କରିଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ୫ ୱିକେଟ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ହରାଇ ଦେଇଛି । ଟସ୍ ଜିତି ଚେନ୍ନାଇ ଲକ୍ଷ୍ନୌକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ୭ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରିଷଭ ପନ୍ଥ ସର୍ବାଧିକ ୬୩ରନ୍ ସଂଗ୍ରହ କରିଥିଲେ । ୧୬୭ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯ ଓଭର ୩ଟି ବଲ୍‌ରେ ୫ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଶିଭମ ଦୁବେ ୪୩ରନ୍ ଏବଂ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ୧୧ଟି ବଲ୍‌ରୁ ୨୬ରନ୍ ସଂଗ୍ରହ କରିଥିଲେ । ଧୋନିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

# ହକି

ପଞ୍ଚଦଶ ହକି ଇଣ୍ଡିଆ ପୁରୁଷ ସିନିୟର୍ ଜାତୀୟ ଚାମ୍ପିୟନ୍‌ସିପ୍ ୨୦୨୫ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ମଧ୍ୟପ୍ରଦେଶ ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ । ଉତ୍ତର ପ୍ରଦେଶର ଝାନ୍‌ସୀ ଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ଉତ୍ତରପ୍ରଦେଶ ଏବଂ ମଣିପୁର ମଧ୍ୟରେ ଅପରାହ୍ଣ ୫ଟାରେ ମ୍ୟାଚ୍ ଖେଳାଯିବ । ଗତ ରବିବାର ଦିନ ଅନୁଷ୍ଠିତ ସେମିଫାଇନାଲ୍‌ରେ ମଧ୍ୟପ୍ରଦେଶ ୫-୩ ଗୋଲ୍‌ରେ ମଣିପୁରକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ଦ୍ୱିତୀୟ ସେମିଫାଇନାଲ୍‌ରେ ଉତ୍ତର ପ୍ରଦେଶକୁ ୪-୩ ଗୋଲ୍‌ରେ ପଞ୍ଜାବ ପରାସ୍ତ କରିଥିଲା ।